## ଭସାଣି ଶୋଭାଯାତ୍ରା ବେଳେ ଚଢ଼ାଉ

ଛେଣ୍ଡିପଦା,(ସ୍ବ.ପ୍ର.)- କଟକଣା ସତ୍ତ୍ୱେ ଡିଜେ ବଜାଇ ଛେଣ୍ଡିପଦା ବ୍ଲକ ଶିମିଳିପାଳ ପଞ୍ଚାୟତ ବରନାଳୀ ଗ୍ରାମରେ କାର୍ତ୍ତିକେଶ୍ୱର ଭସାଣି କରାଯାଉଥିବା ବେଳେ ପୋଲିସ ଚଢ଼ାଉ କରି ଡିଜେ ସାଉଣ୍ଡ ଓ ପିକ୍‌ଅପ୍ ଭ୍ୟାନକୁ ଥାନାକୁ ଟାଣି ନେଇଥିଲା। ପରେ ଡିଜେ ମାଲିକ ଏବଂ ପିକ୍‌ଅପ୍ ମାଲିକ ଥାନାରେ ପହଞ୍ଚି ସରକାରଙ୍କ ନିର୍ଦ୍ଦେଶ ନ ଆସିବା ଯାଏ ଆଉ କୌଣସି ସ୍ଥାନରେ ଡିଜେ ବଜାଇବେ ନାହିଁ ବୋଲି ଲିଖିତ ଭାବେ ଦେବାପରେ ପୋଲିସ ଡିଜେସାଉଣ୍ଡ ସହ ପିକ୍‌ଅପ୍ ଭ୍ୟାନକୁ ଛାଡି ଦେଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ଭୂତଳ ରାସ୍ତା ନିର୍ମାଣ ଦାବି

**ଢେଙ୍କାନାଳ ଅଫିସ, ୨।୧୨:** ଢେଙ୍କାନାଳ ପୌରାଞ୍ଚଳ ୧୮ନଂ. ୱାର୍ଡ ରାମେଶ୍ୱରପୁର ତଳସାହିବାସୀଙ୍କ ଲାଗି ଏକ ଭୂତଳ ରାସ୍ତା ନିର୍ମାଣ କରିବାକୁ ଦାବି ଜୋର୍ ଧରିଛି। ଏ ନେଇ ୱାର୍ଡବାସୀ ବୁଧବାର ଏମ୍‌ପି ମହେଶ ସାହୁଙ୍କୁ ଭେଟି ଲିଖିତ ଦାବିପତ୍ର ଦେଇଛନ୍ତି। ଅଞ୍ଚଳ ଦେଇ ଯାଇଥିବା ରେଳପଥ ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏ ସଂକ୍ରାନ୍ତରେ ବସ୍ତି ବାସିନ୍ଦା ରେଲୱେ ବିଭାଗର ବରିଷ୍ଠ ଅଧିକାରୀ, ଜନପ୍ରତିନିଧି ଏବଂ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାସତ୍ତ୍ୱେ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଭୂତଳ ରାସ୍ତା ନିର୍ମାଣ ହେଲେ ଯାତାୟାତ ନିରାପଦ ହୋଇପାରିବ ବୋଲି ପୂର୍ବତନ କାଉନ୍‌ସିଲର ରୁଦ୍ରାନ୍ତ ଦଳେଇ କହିଛନ୍ତି। ଏ ସଂକ୍ରାନ୍ତରେ ଅଶୋକ ସାହୁ, ଚୁନା ପ୍ରଧାନ, ପ୍ରଶାନ୍ତ ଜେନା, ହକି ମହାପାତ୍ର, ସୁବ୍ରତ ମହାକୁଡ ପ୍ରମୁଖ ଏମ୍‌ପିଙ୍କ ସହ ଆଲୋଚନା କରିଛନ୍ତି। ରେଳ ବିଭାଗର ପଦସ୍ଥ ଅଧିକାରୀଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ ଉଦ୍ୟମ କରାଯିବ ବୋଲି ଏମ୍‌ପି ପ୍ରତିଶ୍ରୁତି ଦେଇଛନ୍ତି।

### ଅଭୟ ହତ୍ୟାକାଣ୍ଡ: ଅଭିଯୁକ୍ତ ଗିରଫ

**ଢେଙ୍କାନାଳ ଅଫିସ, ୨।୧୨:** ଢେଙ୍କାନାଳ ସହରସ୍ଥିତ ବିଲସାହିର ଅଭୟ ନାୟକ (୫୫) ହତ୍ୟା ମାମଲାରେ ବୁଧବାର ଟାଉନ ଥାନା ପୋଲିସ ଅଭିଯୁକ୍ତ ବିଦେଶୀ ନାଏକ(୩୯)ଙ୍କୁ ଗିରଫ କରିଛି। ହତ୍ୟାରେ ବ୍ୟବହୃତ ଫୁଙ୍କନଳି ଜବତ କରାଯାଇଥିବା ଥାନାଧିକାରୀ ନମିତା ନାୟକ ସୂଚନା ଦେଇଛନ୍ତି। ଜମି ବିବାଦକୁ କେନ୍ଦ୍ର କରି ଗୁରୁବାର ଅପରାହ୍ନ ୫ଟା ୫୦ରେ ବିଦେଶୀ ଏକ ଫୁଙ୍କନଳୀରେ ଅଭୟଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ। ଅଭିଯୁକ୍ତ ବିଦେଶୀ ମୃତକଙ୍କ ସମ୍ପର୍କୀୟ ଭଣଜା ହେବେ। ଉଭୟଙ୍କ ମଧ୍ୟରେ ଦୀର୍ଘ ଦିନରୁ ଜମି ମାପଚୁପକୁ ନେଇ ବିବାଦ ଲାଗି ରହିଥିଲା। ଏ ସଂକ୍ରାନ୍ତରେ ଟାଉନ ଥାନାରେ ନଂ. ୪୮୩/୨୦ରେ ମାମଲା ରୁଜୁ ହୋଇଛି।

### ୩ ଆକ୍ରାନ୍ତ, ୪ ସୁସ୍ଥ

**ଢେଙ୍କାନାଳ ଅଫିସ, ୨।୧୨:** ଢେଙ୍କାନାଳ ଜିଲାରୁ ବୁଧବାର ୩ ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୪ଜଣ ସୁସ୍ଥ ହୋଇଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ହିନ୍ଦୋଳ ବ୍ଲକ, ଗଁଦିଆ ବ୍ଲକ ଏବଂ ଓ କାମାକ୍ଷାନଗର ଏନ୍‌ଏସିରୁ ଜଣେ ଲେଖାଏ ଅଛନ୍ତି। ସମସ୍ତଙ୍କୁ କୋଭିଡ୍ ହସ୍ପିଟାଲ ଏବଂ କେୟାର ସେଣ୍ଟରରେ ଭର୍ତ୍ତି କରାଯାଇଛି। ଏହାକୁ ମିଶାଇ ମୋଟ୍ ଆକ୍ରାନ୍ତଙ୍କ ସଂଖ୍ୟା ୫,୬୩୨ ଏବଂ ସୁସ୍ଥଙ୍କ ସଂଖ୍ୟା ୫,୫୫୨ରେ ପହଞ୍ଚିଛି।

### ୬୫ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୨।୧୨:** ଅନୁଗୋଳ ଜିଲାରୁ ବୁଧବାର ୬୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍‌ଙ୍କ ସଂଖ୍ୟା ୧୧ ହଜାର ୧୨ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ବଣ୍ଟାପାଳ ବ୍ଲକରୁ ୨୧, ତାଳଚେର ବ୍ଲକରୁ ୧୨, ଅନୁଗୋଳରୁ ୧୩, ଛେଣ୍ଡିପଦାରୁ ୧୦, କଣିହାଁରୁ ୭ ଓ ପାଲଲହଡ଼ା ବ୍ଲକରୁ ୨ ଜଣ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୪୭ ଜଣ ସୁସ୍ଥ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି।

### ୫୫ ହଜାର ଜରିମାନା ଆଦାୟ

**କଣିହାଁ,୨।୧୨(ଡି.ଏନ.ଏ.):** କଣିହାଁ ବ୍ଲକର ୪ ଥାନା ତରଫରୁ ବୁଧବାର ହେଲମେଟ ଯାଞ୍ଚ କଡ଼ାକଡ଼ି କରାଯାଇଛି। ଯାଞ୍ଚ ବେଳେ ୫୫ ହଜାର ଟଙ୍କା ଜରିମାନା ଆଦାୟ ସହ ୨ ବାଇକ୍ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ ପାଇଁ ସୁପାରିସ କରାଯାଇଛି। କଣିହାଁ ଥାନା ଆଇଆଇସି କହିଛନ୍ତି, ଥାନା ପକ୍ଷରୁ ୧୦ ହଜାର ଟଙ୍କା ଜରିମାନା ଆଦାୟ ହୋଇଥିବା ବେଳେ ଏନ୍‌ଟିପିସି ପୋଲିସ ୨୨ ହଜାର, ସମଲ ପୋଲିସ ୧୮ ହଜାର ଓ ରେଙ୍ଗାଳି ପୋଲିସ ୫ ହଜାର ଟଙ୍କାର ଜରିମାନା ଆଦାୟ କରିଛି। ଆଗାମୀ ଦିନରେ ଏହି ଯାଞ୍ଚକୁ ଆହୁରି କଡ଼ାକଡ଼ି କରାଯିବ ବୋଲି ଆଇଆଇସି ସୂଚନା ଦେଇଛନ୍ତି।

### ଓଲଟିଲା ପାଉଁଶ ଟ୍ରକ୍

**କଣିହାଁ,୨।୧୨(ଡି.ଏନ.ଏ.):** କଣିହାଁସ୍ଥିତ ଏନ୍‌ଟିପିସି ପ୍ରକଳ୍ପ ମଧ୍ୟରେ ବୁଧବାର ଅପରାହ୍ନରେ ଏକ ପାଉଁଶ ବୋଝେଇ ଟ୍ରକ୍ ଓଲଟିପଡ଼ିବା ଯୋଗୁ ଚାଳକ ଓ ହେଲପର ଆହତ ହୋଇଛନ୍ତି। ସେମାନଙ୍କୁ ଏନ୍‌ଟିପିସି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଦ୍ରୁତଗତିରେ ଗାଡ଼ି ଚାଳନା ଯୋଗୁ ବାରମ୍ବାର ଏପରି ଦୁର୍ଘଟଣା ଘଟୁଛି। ଏ ନେଇ ଏନ୍‌ଟିପିସି ଥାନାରେ ଅଭିଯୋଗ ହୋଇନାହିଁ।

# ଆଗରେ ରହିବ ଅନୁଗୋଳ



**ଅନୁଗୋଳ ଅଫିସ, ୨।୧୨**

- ‘ହେଲ୍‌ଥ କରିଡର’ ନିର୍ମାଣରେ ହେବ ରାଜ୍ୟରେ ପ୍ରଥମ
- ନୂଆ ରୂପ ଦେଖି ଅନୁସରଣ କରିବେ ଅନ୍ୟ ସହର
- ମଡେଲ ସିଟି ନିମନ୍ତେ ଜୋର ଧରିଲାଣି ପ୍ରକ୍ରିୟା

ଅନୁଗୋଳକୁ କରାଯିବ ମଡେଲ୍ ସିଟି। ରାଜ୍ୟର ପ୍ରଥମ ହେଲ୍‌ଥ କରିଡର ଏଠାରେ ନିର୍ମାଣ ହେବ। ଏଥିସହ ସହରକୁ ଏପରି ନବରୂପ ଦିଆଯିବ ଯେ ଅନ୍ୟମାନେ ଏହାକୁ ଅନୁସରଣ କରିବେ। ଅନୁଗୋଳର ଏପରି ସୌନ୍ଦର୍ଯ୍ୟକରଣ ପାଇଁ ଜିଲା ପ୍ରଶାସନ ପକ୍ଷରୁ ମାସେ ତଳୁ ପ୍ରସ୍ତୁତି ଆରମ୍ଭ ହୋଇସାରିଛି। ଏଥିପାଇଁ ବିଭିନ୍ନ ସ୍ଥାନରୁ ଜବରଦଖଲ ଉଚ୍ଛେଦ ସହ ସର୍ଭେ ଜାରି ରହିଛି। ସମନ୍ୱୟ ରଖି କାର୍ଯ୍ୟ ଆଗେଇ ନେବାକୁ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କୁ ନେଇ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଛି।

ଅନୁଗୋଳ ସହରର ନବକଳେବର ପାଇଁ ୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ସୌନ୍ଦର୍ଯ୍ୟରେ ଏହା ଯେପରି ଆଗରେ ରହିବ ସେଥିପାଇଁ ଜିଲା ଓ ପୌର ପ୍ରଶାସନ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି। କେଉଁ ସ୍ଥାନରେ କି ପ୍ରକାର ଉନ୍ନତୀକରଣ କାର୍ଯ୍ୟ କରାଯିବ ତାହାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ ସରିଥିବା ବେଳେ ରାଜ୍ୟରେ ପ୍ରଥମ କରି ହେବାକୁ ଯାଉଥିବା ହେଲ୍‌ଥ କରିଡରକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ସହରର ବିଜୁ ମଇଦାନଠାରୁ ବିଇଡି ଛକ ଦେଇ ମିଶ୍ରପଡ଼ାଯାଏ ଲମ୍ବିବ ଏହି ହେଲ୍‌ଥ କରିଡର। ପାଖାପାଖି ଦେଢ଼ କିଲୋମିଟରର ଏହି କରିଡରକୁ ସବୁଠାରୁ ଆକର୍ଷଣୀୟ କରାଯିବ। ଶିଶୁଙ୍କଠାରୁ ବୟସ୍କଙ୍କ ଯାଏ ସମସ୍ତେ ଯେପରି ଏଠାରୁ ଲାଭ ଉଠାଇପାରିବେ ସେ ନେଇ ବ୍ୟବସ୍ଥା ରହିବ। ସ୍ୱତନ୍ତ୍ର କ୍ଲଷ୍ଟର ସହ ଫୁଡ୍‌କୋର୍ଟ ନିର୍ମାଣ କରାଯିବ। ଯୋଗ ପାଇଁ ଭିନ୍ନ ସ୍ଥାନ ନିର୍ଦ୍ଧାରଣ ରହିବ। ସେହିପରି ରାଜା ଛକ ଠାରୁ ଆରମ୍ଭ କରି ବିଜୁ ମଇଦାନ, ମିଶ୍ରପଡ଼ାରୁ ହରିମହୁରୀ ଛକ, ଶୈଳଶ୍ରୀକ୍ଷେତ୍ରରୁ ବିଇଡି ଛକର ସୌନ୍ଦର୍ଯ୍ୟକରଣ ହେବ। ଅତ୍ୟାଧୁନିକ ଲାଇବ୍ରେରି, ପାର୍କ ନିର୍ମାଣ ସହ ବିଭିନ୍ନ ପୋଖରୀର ପୁନରୁଦ୍ଧାର କରାଯିବ। ଏହି ଉନ୍ନତୀକରଣ ପାଇଁ କେଉଁଠୁ ବିଜୁଳି ଖୁଣ୍ଟ ଉଠାଯିବ ତ ଆଉ କେଉଁଠି ରାସ୍ତା ଖୋଳାଯିବ ଓ ଡ୍ରେନ୍ ନିର୍ମାଣ ହେବ। ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରହିଲେ ହିଁ ଏହି କାର୍ଯ୍ୟ ଭଲଭାବେ ସମ୍ପନ୍ନ କରାଯାଇପାରିବ। ସେଥିପାଇଁ ଜିଲାପାଳଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଡକାଯାଇଥିଲା। ଏଥିରେ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ, ପୌର ନିର୍ବାହୀ ଅଧିକାରୀ, ତହସିଲଦାର, ବିଦ୍ୟୁତ୍ ବିଭାଗ ନିର୍ବାହୀ ଯନ୍ତ୍ରୀ, ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ଜିଲା ମତ୍ସ୍ୟ ଓ କ୍ରୀଡ଼ା ବିଭାଗ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିବା ସୂଚନା ମିଳିଛି।

### ସମନ୍ୱୟ ରକ୍ଷା କରି କାର୍ଯ୍ୟ କରାଯିବ



“ଅନୁଗୋଳ ସହରରେ ଉନ୍ନୟନ କାର୍ଯ୍ୟ ଏକପ୍ରକାର ଆରମ୍ଭ ହୋଇଛି। ଏଥିପାଇଁ ବିଭିନ୍ନ ବିଭାଗର ସମନ୍ୱୟ ଆବଶ୍ୟକ। କେଉଁ ସ୍ଥାନର କିପରି ସୌନ୍ଦର୍ଯ୍ୟକରଣ କରାଯିବ ସେ ନେଇ ପୂର୍ବରୁ ବ୍ଲୁ ପ୍ରିଣ୍ଟ ସରିଥିବାବେଳେ ସର୍ଭେ କାର୍ଯ୍ୟ ଚାଲିଛି। ଏହାପରେ ବିଧିବଦ୍ଧ ଭାବେ କାର୍ଯ୍ୟ ଆରମ୍ଭ ହେବ।

-ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ଜିଲାପାଳ

### ମଡେଲ ସହରର ପରିଚୟ ମିଳିବ



“ଅନୁଗୋଳକୁ ମଡେଲ ସହରରେ ପରିଣତ କରାଯିବ। ଏହାପରେ ବଡ଼ ବଡ଼ ସହର ଅନୁଗୋଳକୁ ଅନୁସରଣ କରିବେ। କାରଣ ରାଜ୍ୟର ପ୍ରଥମ ହେଲ୍‌ଥ କରିଡର ଏଠାରେ ହେବାକୁ ଯାଉଛି। ସେହିପରି ସହରର ବିଭିନ୍ନ ସ୍ଥାନକୁ ନୂଆ ରୂପ ଦିଆଯିବାର ପ୍ରକ୍ରିୟା ଆରମ୍ଭ ହୋଇଛି।

-ଗିରିଜା ଶଙ୍କର ମଲ୍ଲିକ, ପୌର ନିର୍ବାହୀ ଅଧିକାରୀ, ଅନୁଗୋଳ

### ସ୍ୱାସ୍ଥ୍ୟସେବା ଉପରେ ଗୁରୁତ୍ୱ ରହୁ



“ସହରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟାରମ୍ଭକୁ ସମସ୍ତେ ସ୍ୱାଗତ କରୁଛନ୍ତି। କିନ୍ତୁ କେବଳ ସହର ସୁନ୍ଦର ଦିଶିଲେ ହେବନାହିଁ, ସହରବାସୀଙ୍କ ବିଭିନ୍ନ ସମସ୍ୟାର ସମାଧାନ କରାଯିବା ଦରକାର। ବିଶେଷକରି ଲୋକଙ୍କୁ କିପରି ଉନ୍ନତ ସ୍ୱାସ୍ଥ୍ୟସେବା ଆବଶ୍ୟକ ସମୟରେ ମିଳିପାରିବ ସେ ଦିଗରେ ଦୃଷ୍ଟି ଦିଆଯିବା ଜରୁରୀ।

-ଆଦ୍ୟଶ୍ଳୋକ ମିଶ୍ର, ଅନୁଗୋଳ

### ଦୀର୍ଘ ମିଆଦୀ ଯୋଜନା ଜରୁରୀ



“ଅନୁଗୋଳକୁ ମଡେଲ ସହର କରିବା ଏକ ଭଲ ଯୋଜନା। ହେଲେ ଦୂରଦୃଷ୍ଟି ରଖି କାର୍ଯ୍ୟ କରା ନ ଗଲେ ସୌନ୍ଦର୍ଯ୍ୟକରଣର ମୂଲ୍ୟ କିଛି ବର୍ଷ ପରେ ହୁଏତ ମିଳି ନ ପାରେ। କାରଣ କେଉଁଠି ଦୁର୍ନୀତି ପଶିଯାଇପାରେ ତ ଆଉ କେଉଁଠି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସୁନ୍ଦରତା ନଷ୍ଟ ହୋଇଯାଇପାରେ।

-ସୂର୍ଯ୍ୟ ନାରାୟଣ ନାଥ, ଅନୁଗୋଳ

# ସଚେତନତା ରଥ ଶୁଭାରମ୍ଭ

**ଅନୁଗୋଳ ଅଫିସ, ୨।୧୨**

ବିଶ୍ୱ ଏଡ୍‌ସ ଦିବସ ଅବସରରେ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରୁ ବାହାରିଥିବା ଏକ ସଚେତନତା ରଥକୁ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲାର ୫ଟି ବ୍ଲକ ପରିକ୍ରମା କରି ଜନସାଧାରଣଙ୍କୁ ଏଡ୍‌ସ ଓ ଏଚ୍‌ଆଇଭିର ଭୟାବହତା ସମ୍ପର୍କରେ ସଚେତନ କରିବ। ଏହି ଅବସରରେ ଜେଏସ୍‌ପିଏଲ୍ ଏବଂ ଜିଲା ମୁଖ୍ୟ ଚିକିତ୍ସାଳୟର ଏଡ୍‌ସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ୍‌ର ସହଭାଗିତାରେ ଏକ ସ୍ୱାକ୍ଷର ଅଭିଯାନ ଆରମ୍ଭ ହୋଇଛି। ସଂଯମ, ସଚେତନତା ଓ ସତର୍କତା ଅବଲମ୍ବନ ଦ୍ୱାରା ଏଡ୍‌ସ ରୋଗକୁ ପ୍ରତିହତ କରାଯାଇ ପାରିବ ବୋଲି ଜିଲାପାଳ ସ୍ୱାକ୍ଷର ବାର୍ତ୍ତାରେ ଉଲ୍ଲେଖ କରିଥିଲେ। ସଚେତନତା ରଥ ଜିଲାର ବିଭିନ୍ନ ଅଞ୍ଚଳରେ ସଫଳତାର ସହ ବିଭିନ୍ନ ଏଡ୍‌ସ ନିରାକରଣ ଓ ନିୟନ୍ତ୍ରଣ ବାର୍ତ୍ତା ପ୍ରଚାର କରି ଲୋକଙ୍କୁ ସଚେତନ କରିବ ବୋଲି ଜିଲାପାଳ କହିଥିଲେ। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଉପସ୍ଥିତ ରୋଗୀମାନଙ୍କୁ ସଚେତନ କରିବା ପାଇଁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଅଭୟ କୁମାର ଦାଶ, ଜିଲା ଏଡ୍‌ସ ନିୟନ୍ତ୍ରଣ ଅଧିକାରୀ ଡ. ବିଶ୍ୱବିହାରୀ ମହାନ୍ତି, ଏଡ୍‌ସ ପ୍ରତିକାର ଓ ନିୟନ୍ତ୍ରଣ ୟୁନିଟ ଅଧିକାରୀ ପ୍ରମିଳା ହୋତା, ଏଆଇଟି ସେଣ୍ଟରର ସିନିୟର ମେଡିକାଲ ଅଫିସର ଡାକ୍ତର ଶାଶ୍ୱତ ସାଗର ମିଶ୍ର, ଜେଏସ୍‌ପିଏଲ୍(ସିଏସ୍‌ଆର୍) ଜିଏମ୍ ପୁଷ୍ପା ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ।

# ସଂରକ୍ଷଣ ଗ୍ରାମରେ ରହିବେ ଗଜବନ୍ଧୁ

**ଅନୁଗୋଳ ଅଫିସ, ୨।୧୨**

ମହାନଦୀ ଓ ସମ୍ବଲପୁର ହାତୀ ସଂରକ୍ଷଣ କ୍ଷେତ୍ରର ସମ୍ପ୍ରସାରଣ ପ୍ରସ୍ତାବ ଉପରେ ଆଲୋଚନା ପାଇଁ ଏକ ବୈଠକ ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଉଭୟ ହାତୀ ଓ ମଣିଷର ସୁରକ୍ଷା ସହ ଲୋକଙ୍କ ଧନଜୀବନ କିପରି ସୁରକ୍ଷିତ ରହିପାରିବ ସେଥିପାଇଁ ଏହି ସମ୍ପ୍ରସାରଣ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ ଭାବେ କରିବାକୁ ଜିଲାପାଳ ଉଭୟ ବନଖଣ୍ଡ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ମହାନଦୀ ହାତୀ ସଂରକ୍ଷଣ କ୍ଷେତ୍ର ଅନ୍ତର୍ଗତ ଆଠମଲ୍ଲିକ ବନଖଣ୍ଡ ମଇମୁରା ପଞ୍ଚାୟତର ବିପ୍ରଡ଼ିହ ଓ ତରଣ୍ଡା, ଅନୁଗୋଳ ବନଖଣ୍ଡ ଅନ୍ତର୍ଗତ ବଲଙ୍ଗ ଗ୍ରାମ ପଞ୍ଚାୟତର ବଲଙ୍ଗ, ତଳସିରା, ଲବଙ୍ଗି, ହିଂସ୍ରିଡ଼ା ଓ ପମ୍ପାସର ଏବଂ ଜଗନ୍ନାଥପୁର ପଞ୍ଚାୟତର ଜଗନ୍ନାଥପୁର ଓ ବୁର୍ତ୍ତ ଗ୍ରାମ ଏହି ପ୍ରସ୍ତାବିତ ସମ୍ପ୍ରସାରଣ କ୍ଷେତ୍ରରେ ଅନ୍ତର୍ଭୁକ୍ତ ହେବ। ସେହିପରି ସମ୍ବଲପୁର ହାତୀ ସଂରକ୍ଷଣ କ୍ଷେତ୍ର ଅନ୍ତର୍ଗତ ବାମୁର ପଞ୍ଚାୟତର ରଙ୍ଗମାଟିଆ, ପଥରଗଡ଼, ଡିମିରିଡ଼ିହ ଏବଂ ନାକଚି ପଞ୍ଚାୟତର ଉଡ଼ଲ ଆଦି ଗ୍ରାମ ଅନ୍ତର୍ଭୁକ୍ତ ହେବ। ସଂରକ୍ଷଣ କ୍ଷେତ୍ରରେ ଅନ୍ତର୍ଭୁକ୍ତ ହେଲା ପରେ ମଧ୍ୟ ସେସବୁ ଗ୍ରାମ ରାଜସ୍ୱ ଗ୍ରାମ ହୋଇ ରହିବ। ସେଠାରେ ସରକାରଙ୍କ ସମସ୍ତ ଉନ୍ନୟନ ଯୋଜନାର ସୁବିଧା ସୁଯୋଗ ଲୋକେ ପାଇପାରିବେ ବୋଲି ଜିଲାପାଳ କହିଥିଲେ। ସେହିପରି ଜନବସତି ମଧ୍ୟକୁ ହାତୀ ପ୍ରବେଶ କରୁଥିବାରୁ ସଂରକ୍ଷିତ ଗ୍ରାମ ଗୁଡ଼ିକରେ ଗଜବନ୍ଧୁଙ୍କୁ ନିୟୋଜିତ କରାଯିବା ସହ ଟ୍ରେଞ୍ଚ ଖୋଳାଯିବ ବୋଲି ଅନୁଗୋଳ ବନଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ବେହେରା, ଆଠମଲ୍ଲିକ ବନଖଣ୍ଡ ଏସିଏଫ ଗୌରୀ ଶଙ୍କର ଦାସ ଓ ଅନୁଗୋଳ ଏସିଏଫ ରଞ୍ଜନ କୁମାର ବେହେରା କହିଥିଲେ। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ନାକଚି ସରପଞ୍ଚ ପ୍ରଶାନ୍ତ କୁମାର ଦିଆଣି, ବଲଙ୍ଗ ସରପଞ୍ଚ ରୁନୁବାଳା ସାହୁ ଓ ବାମୁର ସରପଞ୍ଚ ବିନୋଦିନୀ ସାହୁଙ୍କ ସହ ବିଭାଗୀୟ କର୍ମକର୍ତ୍ତା, ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ।

# କାଟ୍ ଖାଇଲା ଅନାସ୍ଥା ପ୍ରସ୍ତାବ

**ଅନୁଗୋଳ ଅଫିସ, ୨।୧୨**

ଅନୁଗୋଳ ବ୍ଲକ ଖଲାରୀ ସରପଞ୍ଚ କନ୍ଦର୍ପ ମହାରଣାଙ୍କ ବିରୋଧରେ ଆସିଥିବା ଅନାସ୍ଥା ପ୍ରସ୍ତାବ କାଟ୍ ଖାଇ ଯାଇଛି। ୯ ଜଣ ୱାର୍ଡମେମ୍ବର ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀଙ୍କୁ ଭେଟି ଗତ ୪ ତାରିଖରେ ଏହି ଅନାସ୍ଥା ଆଗତ କରିଥିଲେ। ସରପଞ୍ଚ ମନମୁଖି କାର୍ଯ୍ୟ କରୁଥିବା ଅଭିଯୋଗରେ ଦର୍ଶାଇଥିଲେ। ତେବେ ବୁଧବାର ପଞ୍ଚାୟତ କାର୍ଯ୍ୟାଳୟରେ ଅନାସ୍ଥା ପାଇଁ ନିର୍ବାଚନ ଅଧିକାରୀ ତଥା ଛେଣ୍ଡିପଦା ବିଡିଓ ବିଶ୍ୱଜିତ୍ ସାହୁ ଓ ମାଜିଷ୍ଟ୍ରେଟ୍ ଭାବେ ଅନୁଗୋଳ ଆଡିଶନାଲ ତହସିଲଦାର ଦୁର୍ଯ୍ୟୋଧନ ସାହୁ ପହଞ୍ଚିଥିଲେ। କିନ୍ତୁ ପଞ୍ଚାୟତର କୌଣସି ୱାର୍ଡମେମ୍ବର ଭୋଟ ଦେବାକୁ ଆସି ନ ଥିବାରୁ ଅନାସ୍ଥା ପ୍ରସ୍ତାବ କାଟ୍ ଖାଇ ଯାଇଥିବା ଅନୁଗୋଳ ଉପଜିଲାପାଳ ଶତପଥୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଖଲାରୀ ପଞ୍ଚାୟତରେ ମୋଟ୍ ୧୩ ଜଣ ୱାର୍ଡ ସଭ୍ୟାସଭ୍ୟ ରହିଛନ୍ତି। ଗତବର୍ଷ ଅକ୍ଟୋବରରେ ସମାନ ଢଙ୍ଗରେ ଅନାସ୍ଥା ପ୍ରସ୍ତାବ ଆସିଥିଲେ ମଧ୍ୟ ଦୁଇ ତୃତୀୟାଂଶ ସଭ୍ୟ ଅନୁପସ୍ଥିତ ରହିବାରୁ ତାହା ମଧ୍ୟ ଖାରଜ ହୋଇଯାଇଥିଲା।

# ବଣ୍ଟାଯିବ ୭ ଲକ୍ଷ ୪୯ ହଜାର ମଶାରି



ଉପସ୍ଥିତ ଅତିଥିମାନେ ଏକ ପରିବାରକୁ ମଶାରି ବଣ୍ଟନ କରୁଛନ୍ତି।

**କଣିହାଁ,୨।୧୨(ଡି.ଏନ.ଏ.)**

ଅନୁଗୋଳ ଜିଲା ସ୍ୱାସ୍ଥ୍ୟ ପ୍ରଶାସନ ଓ କଣିହାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମିଳିତ ଆନୁକୂଲ୍ୟରେ କଣିହାଁ ବ୍ଲକର ସାନତ୍ରିବିଡା ଉପସ୍ୱାସ୍ଥ୍ୟକେନ୍ଦ୍ର ଠାରେ ବୁଧବାର ଜିଲାସ୍ତରୀୟ ମଶାରି ବଣ୍ଟନ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅତିଥି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଅଭୟ କୁମାର ଦାଶ, କଣିହାଁ ବିଡିଓ ରମେଶ କୁମାର ଜେନା, ଜିଲା ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ମ୍ୟାଲେରିଆ) ଡା. ବିଶ୍ୱବିହାରୀ ମହନ୍ତି, କଣିହାଁ ସିଏଚ୍‌ସି ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ସୁମନ୍ତ କୁମାର ପଟେଲ, ଜିଲା ଜନସ୍ୱାସ୍ଥ୍ୟ ସୂଚନା ଅଧିକାରୀ ଭରତ କୁମାର ସାହୁ, ଭେକ୍ଟର ବାହିତ ରୋଗ ପରାମର୍ଶଦାତା ନିରୁପମା ଦାସ ଓ ସରପଞ୍ଚ ବାବୁଲା ସେଠୀ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଅବସରରେ ସାନତ୍ରିବିଡା ଗ୍ରାମର ୩୦ ପରିବାରକୁ ମଶାରି ପ୍ରଦାନ କରାଯାଇଥିଲା। ଅପରାହ୍ନରେ ବିଜିଗୋଳଠାରେ ସରପଞ୍ଚ ଦୁଃଶାସନ ସ୍ୱାଇଁଙ୍କ ଉପସ୍ଥିତିରେ ଗ୍ରାମର ୩୦ ପରିବାରକୁ ମଶାରି ବଣ୍ଟନ କରାଯାଇଥିଲା। ପର୍ଯ୍ୟାୟକ୍ରମେ ଜିଲାରେ ୭ ଲକ୍ଷ ୪୯ ହଜାର ୫୬୪ଟି ମଶାରି ବଣ୍ଟନ କରାଯିବାର ଯୋଜନା ରହିଛି। କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଅଭୟ ସାମଲ, ଆୟୁଷ ଡାକ୍ତର ରାକେଶ ମହାରଣା, ବ୍ଲକ ପ୍ରୋଗ୍ରାମ ମ୍ୟାନେଜର ମୋନାଲିସା ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ସଂଘର୍ଷରୁ ସଫଳ ‘ଉତ୍ତମ’

**ଭୁବନ, ୨।୧୨(ଡି.ଏନ.ଏ.)**



ଉତ୍ତମ ମଲ୍ଲିକ

- ପାଲଟିଛନ୍ତି ଦିବ୍ୟାଙ୍ଗଙ୍କ ପ୍ରେରଣା
- ନିଷ୍ଠାପର ଉଦ୍ୟମ କରିଛି ସ୍ୱାବଲମ୍ବୀ
- ଫର୍ନିଚର କାମ ଦେଇଛି ପରିଚୟ

ସମୟର ପ୍ରତିକୂଳ ସ୍ରୋତ ଛଡ଼ାଇ ନେଇଥିଲା ବହି ବସ୍ତାନି। ଜଣେ ମେଧାବୀ ଛାତ୍ରଙ୍କ ଉଚ୍ଚଶିକ୍ଷିତ ହେବାର ଅଭିଳାଷରେ ସେଇଠି ପଡ଼ିଗଲା ଯବନିକା। ତଥାପି ସେ ମାନି ନ ଥିଲେ ହାର୍। ହାତରେ ଆଶାବାଡ଼ି, କାନ୍ଧରେ ଦାୟିତ୍ୱର ବଡ଼ ଗଣ୍ଠିଲି ଧରି ସେ ଆରମ୍ଭ କଲେ ଯାତ୍ରା। ନିଷ୍ଠାପର ଉଦ୍ୟମ ଏବଂ ଦୃଢ଼ ଇଚ୍ଛାଶକ୍ତି ତାଙ୍କୁ ଆତ୍ମନିର୍ଭରଶୀଳ କରିଛି। ସଂଘର୍ଷରୁ ସଫଳ ତଥା ଦିବ୍ୟାଙ୍ଗଙ୍କ ପ୍ରେରଣାର ଉତ୍ସ ପାଲଟିଥିବା ଏହି ବ୍ୟକ୍ତି ଜଣକ ହେଲେ ଭୁବନ ବ୍ଲକର ଉତ୍ତମ ମଲ୍ଲିକ।

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଭୂଷଳ ପଞ୍ଚାୟତ ଚଣ୍ଡୀପାଳ ଗ୍ରାମର ଉତ୍ତମ ମଲ୍ଲିକ ଜଣେ ଦିବ୍ୟାଙ୍ଗ। ତାଙ୍କର ବାମଗୋଡ଼ ପୋଲିଓ ଯୋଗୁ ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି। ଡାହାଣ ଗୋଡ଼ ମଧ୍ୟ ଶତ ପ୍ରତିଶତ ଠିକ୍‌ରେ କାର୍ଯ୍ୟ କରୁନାହିଁ। ବିନା ଆଶା ବାଡ଼ିରେ ଚଲାବୁଲା କରିବା ତାଙ୍କ ଲାଗି ଦୁରୂହ ବ୍ୟାପାର। ବର୍ଷକର ହୋଇଥିବାବେଳେ ଉତ୍ତମ ରୋଗାକ୍ରାନ୍ତ ହେଲେ। ଏହାପରେ ଆରମ୍ଭ ହୋଇଥିଲା ତାଙ୍କର ଜୀବନ ସଂଘର୍ଷ। ପିଲାଟି ଦିନରୁ ଶିକ୍ଷାରେ ଧୁରୀଣ ଉତ୍ତମ ସରାଙ୍ଗ ନବୋଦୟ ବିଦ୍ୟାଳୟରେ ପାଠ ପଢ଼ିବାର ସୁଯୋଗ ପାଇଥିଲେ। ନବମ ଶ୍ରେଣୀରେ ଅଧ୍ୟୟନ କରୁଥିବାବେଳେ ସରକାରୀ ନିୟମ ଅନୁଯାୟୀ ସେ ବିହାରରେ ପଢ଼ିବା ଲାଗି ଯୋଗ୍ୟ ବିବେଚିତ ହୋଇଥିଲେ। ହେଲେ ବିହାର ଯିବା ପୂର୍ବରୁ ଅସୁସ୍ଥ ବାପା ହାତ ଛାଡ଼ି ଚାଲିଗଲେ ଆରପାରିକୁ। ଏପରି ସମୟରେ ସେ ବିହାର ଯିବା ଅବସ୍ଥାରେ ନ ଥିଲେ। ସରକାରୀ ନିୟମ ଅନୁଯାୟୀ ତାଙ୍କୁ ବିଦ୍ୟାଳୟ ଛାଡ଼ିବାକୁ ପଡ଼ିଲା। ଅସମୟରେ ବାପାଙ୍କୁ ହରାଇଥିବା ଉତ୍ତମଙ୍କ କାନ୍ଧରେ ପଡ଼ିଥିଲା ମା’ ଖୁଲଣା ଏବଂ ୪ ଭଉଣୀଙ୍କ ବୋଝ। ଏହାପରେ ତାଙ୍କୁ ଘାରିଥିଲା ରୋଜଗାର ଚିନ୍ତା। କାଠକାମ, ଚିତ୍ର ଆଙ୍କିବାରେ ସଉକ ରଖୁଥିବା ଉତ୍ତମଙ୍କୁ ଏଭଳି ଦୁଃସମୟରେ ସହଯୋଗ କରିବାକୁ ଆଗେଇ ଆସିଲେ ଗ୍ରାମର କାଠ କାରିଗର ଚିନ୍ତାମଣି ବେହେରା। ତାଙ୍କ ନିକଟରେ ୧୫ ଦିନ କାଠକାମ ଶିଖିବା ପରେ ନିହାଣ, ମୁଗୁର ଧରିଥିଲେ ଉତ୍ତମ। ଏଥିରେ ସିଦ୍ଧହସ୍ତ ହୋଇଯିବା ପରେ ନିଜସ୍ୱ ଉଦ୍ୟମରେ ଏକ ଫର୍ନିଚର ଦୋକାନ କରିଛନ୍ତି। ୧୦ ହଜାର ଟଙ୍କାରୁ ଆରମ୍ଭ ହୋଇଥିବା ବ୍ୟବସାୟ ଏବେ ଲକ୍ଷାଧିକ ଟଙ୍କାରେ ପହଞ୍ଚିଛି। ତାଙ୍କ ନିକଟରେ ଅନ୍ୟ ୭ଜଣ କାରିଗର କାମ କରୁଛନ୍ତି। ତାଙ୍କ ଦୋକାନରୁ ନିର୍ମିତ ସାମଗ୍ରୀ ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା ଏବଂ ଅନୁଗୋଳ ଜିଲାକୁ ଯାଉଛି। ସମସ୍ତ ଖର୍ଚ୍ଚ ଯିବା ପରେ ମାସିକ ୩୦,୦୦୦ ଟଙ୍କା ଯାଏ ଲାଭ ହେଉଛି। ନିଜ ରୋଜଗାରରେ ୪ ଭଉଣୀଙ୍କୁ ବିବାହ ଦେଇଛନ୍ତି। ମା’, ସ୍ତ୍ରୀ ଏବଂ ୨ ଝିଅପୁଅଙ୍କ ଅଭାବ ଅସୁବିଧା ବୁଝୁଛନ୍ତି। ନିକଟରେ ପିଏମ୍‌ଇଜିପି ସ୍କିମ୍‌ରେ ୨୫ ଲକ୍ଷ ଟଙ୍କା ଋଣ ଆବେଦନ କରିଥିଲେ। ଯୋଗ୍ୟ ବିବେଚିତ ହେବା ସହ ପ୍ରଶିକ୍ଷଣ ନେଇଥିଲେ। ଋଣ ମଞ୍ଜୁର ହୋଇଥିଲେ ସେ ଏକ ଶୋ’ରୁମ୍ କରିବାକୁ ଆଶା ରଖିଥିଲେ। ହେଲେ ବ୍ୟାଙ୍କ ଋଣ ଦେବାକୁ ମନା କରିବା ପରେ ନିରାଶ ହୋଇଛନ୍ତି ଉତ୍ତମ। ସରକାରୀସ୍ତରରେ ସହଯୋଗ ମିଳିଲେ ଅନେକ ଦିବ୍ୟାଙ୍ଗ ଉପକୃତ ହୋଇପାରନ୍ତେ ବୋଲି ସେ କହିଛନ୍ତି।

# ସଚେତନ ହେଲେ କମିବ ମହିଳା ହିଂସା

**ଢେଙ୍କାନାଳ ଅଫିସ, ୨।୧୨**

ଢେଙ୍କାନାଳ ଜିଲା ପୋଲିସର ପୁରାତନ କାର୍ଯ୍ୟାଳୟରେ ‘ଇଶୋ’ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ୧୬ ଦିନିଆ ମହିଳା ଦିବସ ପାଳନ ହେଉଛି। ବୁଧବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମାନବାଧିକାର ସୁରକ୍ଷା ସେଲ୍ ଇନ୍‌ଚାର୍ଜ ଅମୃତା ମହାନ୍ତି ଯୋଗଦେଇ କହିଲେ, ସମାଜରେ ମହିଳା ହିଂସା ବଢ଼ିବାରେ ଲାଗିଛି। କୋଭିଡ୍ ସମୟରେ ମଧ୍ୟ ନାରୀମାନେ ନିର୍ଯାତନାର ଶିକାର ହେଉଛନ୍ତି। ଏହାକୁ ରୋକାଯିବା ଅତ୍ୟନ୍ତ ଜରୁରୀ। ସଚେତନ ହେଲେ ମହିଳା ହିଂସା ରୋକାଯାଇପାରିବ ବୋଲି ସେ ଆହ୍ୱାନ ଦେଇଥିଲେ।

ମହିଳା ପ୍ରକୋଷ୍ଠ ଉପଦେଷ୍ଟା ଶାନ୍ତି ମିଶ୍ର ପାରିବାରିକ ହିଂସା ସମ୍ପର୍କିତ ଆଇନ ଉପରେ ଆଲୋକପାତ କରିଥିଲେ। ସୁରକ୍ଷା ଅଧିକାରୀ ସସ୍ମିତା ରଣସିଂହ ଏହାକୁ ରୋକିବା ଲାଗି ପଞ୍ଚାୟତସ୍ତରରେ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଇଶୋ ସମ୍ପାଦିକା ପୁଷ୍ପାଞ୍ଜଳି ଜେନା, ହରପ୍ରିୟା ପଣ୍ଡା, ଅନିମା ନାୟକ, ସର୍ବେଶ୍ୱର ମଲ୍ଲିକ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। କାର୍ଯ୍ୟକ୍ରମରେ ହିଂସାର ଶିକାର ହୋଇଥିବା ୧୫ଜଣ ପୀଡ଼ିତା ଯୋଗଦେଇଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ।

